## ଆକ୍ରମଣ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

ଅନୁଗୋଳ ଅଫିସ, ୨୫।୧୦- ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଅନୁଗୋଳ ସିଜେଏମ୍ ସୌମ୍ୟକ ପାତ୍ର ଅଭିଯୁକ୍ତ ସୁବାସ ଦେହୁରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୧୪ ଏପ୍ରିଲ ୨୮ରେ ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ଗ୍ରାମରେ ପାରିବାରିକ କହଳକୁ ନେଇ ଅଭିଯୁକ୍ତ ସୁବାସ ତାଙ୍କ ଭାଉଜ ରଞ୍ଜିତା ସାହୁଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ରଞ୍ଜିତାଙ୍କ ବାପା ରବି ନାରାୟଣ ସାହୁ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ମୋଟ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ସୁବାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର(ପିପି) ଧ୍ରୁବଚରଣ ସାହୁ ମାମଲା ପରିଚାଳନା କରିଥିଲେ।

## ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି



ଅନୁଗୋଳ ଅଫିସ, ୨୫।୧୦- ଅନୁଗୋଳର ବରିଷ୍ଠ ଖବରଦାତା ଚିତ୍ତରଞ୍ଜନ ସ୍ୱାଇଁଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱରଞ୍ଜନ ପଟ୍ଟନାୟକ, ଅଜିତ ଧର, ରଞ୍ଜନ ପାତ୍ର, ସମରେଶ ନାଥ, ସୁଶାନ୍ତ ସାହୁ ଓ ବିକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁ ଜଣେ ନିର୍ଭୀକ ଓ ସ୍ପଷ୍ଟବାଦୀ ଖବରଦାତା ଭାବେ ବେଶ୍ ପରିଚିତ ଥିଲେ।

## ପ୍ରତାରଣା ଅଭିଯୋଗ: ଯବାନ ଗିରଫ

ଅନୁଗୋଳ ଅଫିସ, ୨୫।୧୦- ଅନୁଗୋଳ ଜିଲା ଜରପଡ଼ା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ ଅନୁଗୋଳ ପୋଲିସ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ୍)ର ଜଣେ ଯବାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯବାନ ହେଲେ ବନ୍ତଲା ଅଞ୍ଚଳର ପ୍ରବୋଧ କୁମାର ଧଳ(୨୫)। ଗତ ବୁଧବାର ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା।

## ଜମିରେ ପାଣି, ଫସଲ ନଷ୍ଟ ଆଶଙ୍କା

ଛେଣ୍ଡିପଦା, ୨୫।୧୦(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଲଘୁଚାପ ବର୍ଷାର ପ୍ରଭାବରେ ଧାନ ଜମିରେ ପାଣି ଜମିଛି। ଫଳରେ ଚାଷୀଙ୍କ ଫସଲ ନଷ୍ଟ ହେବାର ଆଶଙ୍କା ଉପୁଜିଛି। ବିଶେଷକରି ବର୍ଷା ଅଭାବରୁ ବିଳମ୍ବରେ ଫସଲ କରିଥିବା ଚାଷୀ କ୍ଷତିଗ୍ରସ୍ତ ହେବାକୁ ନେଇ ଚିନ୍ତାରେ ପଡିଛନ୍ତି। ବୁଧବାର ଛେଣ୍ଡିପଦାରେ ୨୩.୮ ମିମି ଓ ଗୁରୁବାର ୪୧.୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

■ବଳରାମ ଖଣି ବନ୍ଦକୁ ନେଇ ବଢ଼ୁଛି ବିବାଦ

# ଖଣି କର୍ତ୍ତୃପକ୍ଷଙ୍କୁ ଦୋଷ ଦେଲା ଡଅଁରା ଗ୍ରାମ କମିଟି



ଖବରଦାତା ସମ୍ମିଳନୀରେ ଡଅଁରା ଗ୍ରାମ କମିଟି କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

ତାଳଚେର,୨୫।୧୦(ନି.ପ୍ର.)

କୋଇଲା ପରିବହନକୁ ନେଇ ତାଳଚେର ବ୍ଲକ ଡଅଁରା ଓ ସୋଲଡା ଗ୍ରାମ ମଧ୍ୟରେ ଥିବା ବିବାଦ ଯୋଗୁ ତାଳଚେରସ୍ଥିତ ବଳରାମ କୋଇଲା ଖଣି ଗତ ୧୨ ତାରିଖଠାରୁ ବନ୍ଦ ରହିଛି। ତେବେ ରାଜନୀତି ଓ ହିଙ୍ଗୁଳା ଜେନେରାଲ ମ୍ୟାନେଜର ଖଣି ବନ୍ଦର ମୁଖ୍ୟ କାରଣ ବୋଲି ଶୁକ୍ରବାର ତାଳଚେରସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ଡଅଁରା ଗ୍ରାମବାସୀ, ଟ୍ରକ୍ ମାଲିକ ସଂଘ, ପାଲଭିଡା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ଡଅଁରା ଗ୍ରାମବାସୀ ଓ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ୧୯୮୭ରେ ଖଣି ପାଇଁ ଡଅଁରା ଗ୍ରାମର ଜମି ଅଧିଗ୍ରହଣ ହୋଇଥିଲା। ୧୨ଶହ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ମୋଟ୍ ୧୦୬୨ ଜଣଙ୍କ ମଧ୍ୟରୁ ୩୨ ବର୍ଷ ମଧ୍ୟରେ ୭ଶହଙ୍କୁ ନିଯୁକ୍ତି ଦିଆଯାଇଛି। ବାକି ୩ଶହ ଚାକିରି ଅପେକ୍ଷାରେ ଅଛନ୍ତି। ଗ୍ରାମର ୮୫ ପ୍ରତିଶତ ଜମି କୋଇଲା ଖଣି ଦ୍ୱାରା ଅଧିଗ୍ରହଣ କରାଯାଇଥିଲେ ବି ଗ୍ରାମକୁ ବିସ୍ଥାପିତ କରାଯାଇ ନାହିଁ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ଏବଂ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି। କିଛିଦିନ ତଳେ କୋଇଲା ଲୋଡିଂକୁ ନେଇ ଡଅଁରା ଓ ସୋଲଡା ଗ୍ରାମର ଯୁବକମାନେ ମୁହାଁମୁହିଁ ହୋଇଥିଲେ। ପ୍ରତି ମାସରେ ଡଅଁରା ଗ୍ରାମର ଟ୍ରକ୍ ମାଲିକଙ୍କୁ ଯେତିକି କୋଇଲା ଯୋଗାଇ ଦିଆଯିବ ବୋଲି ହିଙ୍ଗୁଳା ଖଣି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ତାହା କାର୍ଯ୍ୟକାରୀ କଲେ ନାହିଁ। ୫ଶହ ଟ୍ରକ୍ ମାଲିକ ଓ ପାଲଭିଡା ଶ୍ରମିକ ଗତ ୫ ମାସ ହେଲା ଜୀବିକା ହରାଇ ବସିଲେଣି। ଡଅଁରା ଗ୍ରାମବାସୀ କୌଣସି ରୋଡସଲ ବନ୍ଦ କରିନାହାନ୍ତି। ଏପରି ଅଭିଯୋଗ ମିଥ୍ୟା ବୋଲି ଡଅଁରା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏମ୍‌ସିଏଲ, ପୋଲିସ, ପ୍ରଶାସନ ରାଜନେତାଙ୍କ ଦ୍ୱାରା ପରିଚାଳିତ ଏବଂ ଅନ୍ଧ ଭାବେ ସୋଲଡା ଗ୍ରାମକୁ ସମର୍ଥନ କରୁଛନ୍ତି। ଏଥିଯୋଗୁ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଡଅଁରା ଗ୍ରାମକୁ ତୁରନ୍ତ ବିସ୍ଥାପିତ କରାଯିବା, ଖଣି କର୍ତ୍ତୃପକ୍ଷ ପୂର୍ବ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା, ବଳରାମ ଖଣି ସମସ୍ତ ନିୟମ କାର୍ଯ୍ୟକାରୀ କରିବା, ଡଅଁରା ଗ୍ରାମର ଟ୍ରକ୍‌କୁ ଅଗ୍ରାଧିକାର ଭିତରେ ଲୋଡିଂ ଦେବାକୁ ଡଅଁରା ଗ୍ରାମବାସୀ, ଟ୍ରକ୍ ମାଲିକ ସଂଘ ଓ ପାଲଭିଡା ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଗ୍ରାମ କମିଟି ପୂର୍ବତନ ସଭାପତି ରତ୍ନାକର ସାହୁ, କୋଷାଧ୍ୟକ୍ଷ ବସନ୍ତ କୁମାର ପ୍ରଧାନ, ସମ୍ପାଦକ ତୀର୍ଥବାସୀ ସାହୁ, ଡଅଁରା ଟ୍ରକ୍‌ମାଲିକ ସଂଘ ଉପସଭାପତି ତଥା ପାଲଭିଡା ସଂଘ ଉପଦେଷ୍ଟା ସୁଶାନ୍ତ କୁମାର ବିଶ୍ୱାଳ, ଡଅଁରା ଟ୍ରକ୍ ମାଲିକ ସଂଘ ଉପସଭାପତି ସୁମନ୍ତ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ କହିଛନ୍ତି, ପ୍ରଶାସନ ସ୍ତରରେ ସମସ୍ୟାର ସମାଧାନ ପାଇଁ ୩/୪ଥର ବୈଠକ ବସିଲାଣି। କିଛି ସୁଫଳ ମିଳୁନି। ତଥାପି ପ୍ରଶାସନ ସମାଧାନ ଉଦ୍ୟମ ଜାରି ରଖିଛି। ସେହିପରି ହିଙ୍ଗୁଳା ଖଣି ଜେନେରାଲ ମ୍ୟାନେଜର ପି.କେ. ରେଡି ଅଭିଯୋଗକୁ ଅସ୍ୱୀକାର କରିବା ସହିତ ପ୍ରଶାସନିକସ୍ତରରେ ଆଲୋଚନା ହୋଇଥିଲେ ବି ସମାଧାନ ହୋଇପାରୁନି। ସମସ୍ୟା ନେଇ ପୋଲିସ, ପ୍ରଶାସନ, ଖଣିର ବରିଷ୍ଠ ଅଧିକାରୀ ଅବଗତ ରହିଥିବା ଜେନେରାଲ ମ୍ୟାନେଜର ପ୍ରକାଶ କରିଛନ୍ତି।

## ଓଏମ୍‌ସି ପକ୍ଷରୁ ମେଧାବୀଙ୍କୁ ସମ୍ମାନ



ଅନୁଗୋଳ ଅଫିସ, ୨୫।୧୦

ଅନୁଗୋଳ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ମେଧାବୀ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଏମ୍‌ସି ପରିଚାଳକ ବିଜୟ କୁମାର ପଡ଼ଲୀ, ସର୍ବେକ୍ଷକ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। ୨୦୧୭-୧୮ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛେଣ୍ଡିପଦା ବ୍ଲକର ଶ୍ରେଷ୍ଠ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଓଏମ୍‌ସି ପକ୍ଷରୁ ୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକ ଉତ୍ସାହିତ ତଥା ପ୍ରେରଣା ଦେବ ବୋଲି ଜିଲା ଶିକ୍ଷା ଅଧିକାରୀ ମତବ୍ୟକ୍ତ କରିଥିଲେ। ପ୍ରଦତ୍ତ ଅର୍ଥରାଶିର ସଦ୍‌ଉପଯୋଗ କରିବା ପାଇଁ ଅଭିଭାବକ ତଥା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଆହ୍ୱାନ ଜଣାଇବା ସହ ଓଏମ୍‌ସିଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଓଏମ୍‌ସି କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ।

## ବର୍ଷାରେ ଭାଙ୍ଗିଲା ପାଚେରି

ବଅଁରପାଳ, ୨୫।୧୦(ଡି.ଏନ.ଏ.)



ଅନୁଗୋଳ ଜିଲା ବଅଁରପାଳସ୍ଥିତ ନାଲ୍‌କୋ ସିପିପିଠାରେ ନବନିର୍ମିତ ପାଚେରି ଶୁକ୍ରବାର ଭାଙ୍ଗିଯାଇଛି। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ୨ ଶହ ମିଟର ଦୀର୍ଘ ବିଶିଷ୍ଟ ଏହି ପାଚେରି ଭାଙ୍ଗିଯାଇଥିବା ଜଣାପଡିଛି।

# ରାଜପଥରେ କୃତ୍ରିମ ବନ୍ୟା



ବଅଁରପାଳ, ୨୫।୧୦(ଡି.ଏନ.ଏ.)

୫୫ ନମ୍ବର ଜାତୀୟ ରାଜପଥର ଭୂଷଣଠାରୁ ଅନୁଗୋଳ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଦୁଇଦିନ ହେଲା ଲଗାଣ ବର୍ଷାରେ ଏହାର ଅବସ୍ଥା କଦର୍ଯ୍ୟ ହୋଇପଡିଛି। ଅନେକ ସ୍ଥାନରେ ବଡ ବଡ ଖାଲ ସୃଷ୍ଟି ହୋଇ ପାଣି ଜମିରହିଛି। ପାଣି ନିଷ୍କାସନ ହୋଇ ନ ପାରି ପ୍ରାୟ ୩ ଶହ ମିଟର ଦୀର୍ଘ ପର୍ଯ୍ୟନ୍ତ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ଯାତାୟାତକାରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। କାଣ୍ଡସର ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ବହୁ ଖାଲଖମା ଯୋଗୁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଛି। ତୁରନ୍ତ ରାସ୍ତା ଉନ୍ନତୀକରଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ରବିଋତୁ ପାଇଁ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

# ୫-ଟି ବୈଠକ କରି ସମସ୍ୟା ବୁଝ

ଅନୁଗୋଳ ଅଫିସ, ୨୫।୧୦



ଚଳିତ ରବିଋତୁ ପାଇଁ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତ ଚାଷୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନ କୃଷିଭିତ୍ତିକ ଯୋଜନାରେ ସାମିଲ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତ ସ୍ତରରେ ପ୍ରତି ୧୫ ଦିନରେ ଥରେ ୫-ଟି ଶିବିର ଆୟୋଜନ କରି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଜିଲାପାଳ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଉଭୟ ରବି ଓ ଖରିଫ ଋତୁ ପାଇଁ ହେଉଥିବା କାର୍ଯ୍ୟକ୍ରମ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଜିଲାପାଳ କୃଷି ବିଭାଗକୁ ପରାମର୍ଶ ଦେଇଥିଲେ।

ଚଳିତ ରବି ଋତୁରେ ଜିଲାରେ ମୋଟ୍ ୯୬.୬୩୫ ହେକ୍ଟର ଜମି ପାଇଁ ଫସଲ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ବିହନ, ଖତସାର, କୃଷି ଯନ୍ତ୍ରପାତି ଓ ରୋଗ ପୋକ ନିୟନ୍ତ୍ରଣ ଔଷଧ ଆଦି ଉପଲବ୍ଧ ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ଉପରେ ଜିଲା ଡେପୁଟି କୃଷି ଉପନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ସୂଚନା ଦେଇଥିଲେ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ସୌର ଜଳନିଧି, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାସ ୨୦୧୯ ରବି ଋତୁ ପାଇଁ ଜାତୀୟ ଉଦ୍ୟାନ କୃଷି ମିଶନ କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ଅମଳ ପରିବର୍ତ୍ତୀ ଯତ୍ନ ଓ କୃଷି ଯାନ୍ତ୍ରିକୀକରଣ ଆଦି ସହାୟତା ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ସୂଚନା ପ୍ରଦାନ କରିଥିଲେ। ଜିଲା କୃଷି ଅଧିକାରୀ ଭୋଳାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଅନୁଗୋଳ ଅଫିସ, ୨୫।୧୦

ଅନୁଗୋଳ ଜିଲା ପୁରୁଣାକୋଟ ଥାନା କନ୍ଧସାହି ଅଞ୍ଚଳରେ ୨୦୧୫ ଜାନୁୟାରୀ ୩୦ରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଶୁକ୍ରବାର ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଅଭିଯୁକ୍ତ କନିଷ୍ଠ ବେହେରା(୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରିଥିଲେ। ମାମଲାରୁ ପ୍ରକାଶ ଯେ, ଉଧାର ଟଙ୍କା ମାଗିବାକୁ କେନ୍ଦ୍ର କରି ଅଭିଯୁକ୍ତ କନିଷ୍ଠ ବେହେରା କନ୍ଧସାହିର କାହାଲୁ ଦେହେରୀ(୨୧)ଙ୍କୁ ଗୁଳି କରି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ମୃତକଙ୍କ ସମ୍ପର୍କୀୟ ଭାଇ ସୁରେନ ଦେହୁରୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ଅଭିଯୁକ୍ତ କନିଷ୍ଠଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

■ବଅଁରପାଳ ଦକ୍ଷିଣକାଳୀ ପୂଜା କମିଟି

# ଏଥର ରୌପ୍ୟଜୟନ୍ତୀ ପାଳନ

ବଅଁରପାଳ, ୨୫।୧୦(ଡି.ଏନ.ଏ.)



ବଅଁରପାଳ ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ପୂଜା ପାଳନକୁ ଚଳିତ ବର୍ଷ ୨୫ ବର୍ଷ ପୂରିବ। ତେଣୁ ଧୁମ୍‌ଧାମରେ ରୌପ୍ୟଜୟନ୍ତୀ ପାଳନ ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ମେଢ ସାଜସଜ୍ଜା ପାଇଁ ଉଦ୍ୟମ ଜାରିରହିଛି। ରଙ୍ଗୀନ ଆଲୋକମାଳାରେ ବଜାର ଝଲସି ଉଠିଲାଣି।

> ■ଚାଲିଛି ମେଢ଼ ସାଜସଜ୍ଜା
>
> ■ଧୁମ୍‌ଧାମରେ ହେବ ଭସାଣି

ରବିବାର ସନ୍ଧ୍ୟାରେ କଳସ ଯାତ୍ରା ସହ ମଧ୍ୟରାତିରେ ମା'ଙ୍କ ପୂଜା ଆରମ୍ଭ ହେବ। ପୂଜାରେ ୪୨ ଜଣ ସଦସ୍ୟ ସାମିଲ ହୋଇଛନ୍ତି।

କମିଟି ସଭାପତି ରୁଦ୍ର ନାରାୟଣ ସିଂ କୁହନ୍ତି, ଚଳିତ ବର୍ଷର ପୂଜାକୁ ୨୫ ବର୍ଷ ପୁରୁଛି। ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଭସାଣି ଉତ୍ସବକୁ ଧୁମ୍‌ଧାମରେ ପାଳନ ପାଇଁ ନିଷ୍ପତ୍ତି ହୋଇଛି। କମିଟି କୋଷାଧ୍ୟକ୍ଷ ଟୁକୁ ବେହେରା କୁହନ୍ତି, ଯଥାରୀତି ସହକାରେ ପୂଜା ପାଳନ ହେବ। ପ୍ରତ୍ୟେକ ଦିନ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। କମିଟି ସହସମ୍ପାଦକ ପୁଷ୍ପାଂଶୁ ପୃଷ୍ଟି କୁହନ୍ତି, ପୂଜାକୁ ୨୫ ବର୍ଷ ପୂରୁଥିବାରୁ ଚଳିତ ବର୍ଷ ଆଡମ୍ବର ସହକାରେ ପୂଜା ପାଳନ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିସାରିଛି।



ପୁଷ୍ପାଂଶୁ ପୃଷ୍ଟି।



ରୁଦ୍ର ନାରାୟଣ ସିଂ।

## ୩୬ ଘଣ୍ଟା ପରେ ବି ଅନିଲଙ୍କ ପତ୍ତା ମିଳୁନି

ବନ୍ତଲା, ୨୫।୧୦(ଡି.ଏନ.ଏ.)

ଅନୁଗୋଳ ଥାନା ଇଙ୍କରବନ୍ଧ ବେହେରାସାହି ନିକଟ ଦେଇ ଯାଇଥିବା ଟାକୁଆ ନାଳରେ ଗୁରୁବାର ଅପରାହ୍ନରେ ଗ୍ରାମର ଅନିଲ ବେହେରା(୨୮) ଭାସିଯାଇ ନିଖୋଜ ହୋଇଯାଇଥିଲେ। ଘଟଣାକୁ ୩୬ ଘଣ୍ଟା ପୂରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିପାରିନାହିଁ। ଶୁକ୍ରବାର ସକାଳେ ଘଟଣାସ୍ଥଳକୁ ଅନୁଗୋଳ ବିଡିଓ ମାୟାଧର ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ବେହେରା, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ବନ୍ତଲା ସମିତି ସଭ୍ୟ ଦୁର୍ଗା ଚରଣ ପ୍ରଧାନ, ଇଙ୍କରବନ୍ଧ ସରପଞ୍ଚ ପ୍ରିୟମ୍ବଦା ନାଏକ, ବଲାସିଂହା ପୂର୍ବତନ ସରପଞ୍ଚ ସାରଥୀ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜେନାମଣି ଗଡନାଏକ ପ୍ରମୁଖ ଯାଇଥିଲେ। ଅନୁଗୋଳ ଅଗ୍ନିଶମ ବିଭାଗର ୧୨ ଜଣ ନାଳ ଭିତରେ ଦୀର୍ଘ ୬ କିଲୋମିଟର ଫୁଲପଡା ପର୍ଯ୍ୟନ୍ତ ଖୋଜିଥିଲେ ମଧ୍ୟ ଅନିଲଙ୍କର କୌଣସି ସନ୍ଧାନ ମିଳି ପାରି ନାହିଁ। ବ୍ଲକ ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ନିଖୋଜଙ୍କ ଘରକୁ ଯାଇ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇ ଫେରିଛନ୍ତି। ଅଗ୍ନିଶମ ବିଭାଗର ଅଧିକ କର୍ମଚାରୀ ଓ ଓଡ୍ରାଫ ଟିମ୍ ଆସି ଖୋଜାଖୋଜି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

■ଡିଏଲ୍‌ଆର କର୍ମଚାରୀ, ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

# ନୋଟିସ୍ ପଠାଇଲା ପୌରସଂସ୍ଥା

ଅନୁଗୋଳ ଅଫିସ, ୨୫।୧୦



ଆନ୍ଦୋଳନକୁ ଓହ୍ଲାଇଛନ୍ତି ପୌରପାଳିକାର ସଫେଇ କର୍ମଚାରୀ। ୧୦ ଡିଏଲ୍‌ଆର ସଫେଇ କର୍ମଚାରୀଙ୍କ ସହ ଠିକା ସଂସ୍ଥାର ୧୩୦ ସଫେଇ କର୍ମଚାରୀ ଶୁକ୍ରବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିଛନ୍ତି। ଫଳରେ ସହର ସଫେଇ ଏକ ରକମର ଠପ୍ ହୋଇଯାଇଛି।

ସଫେଇ କର୍ମଚାରୀମାନେ ଗୁରୁବାର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦରମାରୁ କଟାଯାଉଥିବା ଇପିଏଫ ଓ ଇଏସ୍‌ଆଇ ଟଙ୍କା ଠିକା ସଂସ୍ଥା ଜମା କରୁ ନ ଥିବା ଅଭିଯୋଗ କରିଥିଲେ। ଏହାର ତର୍ଜମା କରାଯିବ ବୋଲି ନିର୍ବାହୀ ଅଧିକାରୀ ସଫେଇ କର୍ମଚାରୀଙ୍କୁ କହିଥିଲେ। ଏହାପରେ ଠିକା ସଂସ୍ଥାକୁ କାଢ଼ି ସେମାନଙ୍କୁ ଅଳିଆ ସଫା କରିବାକୁ ଠିକା ଦେବାକୁ ସଫେଇ କର୍ମଚାରୀମାନେ ଦାବି କରିଥିଲେ। କିନ୍ତୁ ସରକାରଙ୍କ ନିୟମ ଉଲ୍ଲଂଘନ କରୁଥିବାରୁ ଏପରି ହୋଇପାରିବ ନାହିଁ ବୋଲି ନିର୍ବାହୀ ଅଧିକାରୀ କହିବା ପରେ ବୈଠକ ଛାଡ଼ି ସଫେଇ କର୍ମଚାରୀମାନେ ପଳାଇ ଯାଇଥିଲେ। ଏ ନେଇ ସଫେଇ କର୍ମଚାରୀମାନେ କହିଛନ୍ତି, ବିଭିନ୍ନ ସମୟରେ ପ୍ରାପ୍ୟ ବକେୟା ରଖାଯାଉଛି। ସରକାରଙ୍କ ବର୍ଦ୍ଧିତ ମଜୁରି ଲାଗୁ ହେଲେ ମଧ୍ୟ ତାହା ଦିଆଯାଉ ନାହିଁ। ପୋଷାକ ଓ ସଫେଇ ପାଇଁ ଅନ୍ୟାନ୍ୟ ଜିନିଷ, ପରିଚୟପତ୍ର ପ୍ରଦାନ କରାଯାଉ ନାହିଁ। ଅନ୍ୟପକ୍ଷରେ ପୌର ସଂସ୍ଥାର ୧୦ ଜଣ ଡିଏଲ୍‌ଆର କର୍ମଚାରୀ ମଧ୍ୟ ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏ ନେଇ ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଆଲୋଚନା ପାଇଁ ସଫେଇ କର୍ମଚାରୀଙ୍କୁ ଡକାଯାଇଥିଲା। ସେମାନେ ଅଧାରୁ ଉଠି ଚାଲିଯିବା ସହ ଶୁକ୍ରବାର ଠାରୁ କାର୍ଯ୍ୟବନ୍ଦ କରିଛନ୍ତି। ଏ ନେଇ ଠିକା ନେଇଥିବା ଏଲ୍ ଆଣ୍ଡ ଟିଙ୍କୁ ଚିଠି ନଂ-୮୮୧୯/୨୫।୧୦।୨୦୧୯ରେ ନୋଟିସ କରାଯାଇଛି। ଡିଏଲ୍‌ଆର କର୍ମଚାରୀଙ୍କୁ ମଧ୍ୟ ଚିଠି ନଂ ୮୭୯୫/୨୫।୧୦।୨୦୧୯ରେ ନୋଟିସ ହୋଇଛି। ନୋଟିସ ପାଇବାର ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦେଲେ ପୌର ନିୟମ ଅନୁଯାୟୀ କାର୍ଯ୍ୟରୁ ଅନ୍ତର କରାଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା ଚିଠିରେ ଦର୍ଶାଇଛନ୍ତି। ଏ ନେଇ ଶନିବାର ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

# ଭୁଶୁଡି ପଡିଲା କାନ୍ଥ

**ବନ୍ତଲା, ୨୫।୧୦(ଡି.ଏନ.ଏ.):** ଲଘୁଚାପଜନିତ ବର୍ଷା ଯୋଗୁ ବନ୍ତଲା ଥାନା ପୋକତୁଙ୍ଗା ରଣେଶ୍ୱର ଛକ ସାହିରେ ଗୁରୁବାର ରାତିରେ ରଜତ ଦେହୁରୀଙ୍କ ଘର କାନ୍ଥ ଭୁଶୁଡ଼ି ପଡିଛି। ରଜତ, ସ୍ତ୍ରୀ ପୁଷ୍ପଲତା, ପୁଅ ହରି ଦେହୁରୀ(୧୧), ଝିଅ କ୍ୟୁଟି ଦେହୁରୀ(୩) ଘରେ ଶୋଇଥିବାବେଳେ ରାତି ପ୍ରାୟ ଗୋଟାଏରେ କାନ୍ଥ ଭାଙ୍ଗି ଯାଇଥିଲା। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାହି ସଭାପତି ପ୍ରଫୁଲ୍ଲ ଦେହୁରୀ, ସମ୍ପାଦକ ପ୍ରସନ୍ନ ପ୍ରଧାନ, ଖଗେଶ୍ୱର ପ୍ରଧାନ, ସୁରେଶ ପ୍ରଧାନ, ରଞ୍ଜିତ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।




# ଅଗ୍ନିକାଣ୍ଡ: ସିପିପିର ଗୋଟିଏ ୟୁନିଟ୍ ବନ୍ଦ

**ବଅଁରପାଳ, ୨୫।୧୦ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଅଁରପାଳଠାରେ ଥିବା ନାଲ୍‌କୋର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର (ସିପିପି)ର ୫ ନମ୍ବର ୟୁନିଟ୍‌ରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଆମେଣ୍ଟର ୭.୫ରେ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟି ୧୨ଟି ପ୍ୟାନେଲରୁ ୪ଟି ନଷ୍ଟ ହୋଇଯାଇଛି। ଅନ୍ୟ ୮ଟି ପ୍ୟାନେଲ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଉକ୍ତ ୟୁନିଟ୍‌କୁ ବନ୍ଦ କରିଦିଆଯାଇଛି। ଖବରପାଇ ନାଲ୍‌କୋ ସିଆଇଏସ୍‌ଏଫ୍ ଓ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ନାଲ୍‌କୋ ଉଚ୍ଚ ପଦସ୍ଥ ଅଧିକାରୀମାନେ ପହଞ୍ଚି ତଦାରଖ କରିଥିଲେ। ଉକ୍ତ ଅଗ୍ନିକାଣ୍ଡରେ ସେପରି ବିଶେଷ କ୍ଷୟକ୍ଷତି ହୋଇନାହିଁ ବୋଲି ନାଲ୍‌କୋର ଜନୈକ ଅଧିକାରୀ ପ୍ରକାଶ କରିଛନ୍ତି।




## ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୨୫।୧୦(ଡି.ଏନ.ଏ.)**

ଠାକୁରଗଡ଼ ପୋଲିସ ଗୁରୁବାର ଠାକୁରଗଡ଼ ଗ୍ରାମରେ ଚଢାଉ କରି ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତ ସନାତନ ନାୟକଙ୍କୁ ଗିରଫ କରିଛି। ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ଏଏସଆଇ କରୁଣାକର ନନ୍ଦ ପ୍ରମୁଖ ଚଢାଉ କରିଥିଲେ। ନଂ. ସିଟି ୬୬୨/୨୦୦୭ରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୫।୧୦(ଡି.ଏନ.ଏ.)**

ଠାକୁରଗଡ଼ ଥାନା କରଡ଼ାବାହାଲୀ ଗ୍ରାମର ପ୍ରଦୀପ କୁମାର ଗଡ଼ନାୟକଙ୍କୁ ସେହି ଗ୍ରାମର ନୀଳକଣ୍ଠ ରାଉତ ଗୁରୁବାର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୧୧୧/୨୦୧୯ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ଜଣେ ସମ୍ପର୍କୀୟଙ୍କ ଗିରଫକୁ ନେଇ ରାଗରେ ନୀଳକଣ୍ଠ ପ୍ରଦୀପଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ